**ସଂକ୍ଷେପରେ**

## ମଡର୍ନ ଆଇ କେୟାର ସେଣ୍ଟରକୁ ନାଭ ମାନ୍ୟତା

ବ୍ରହ୍ମପୁର,୨୮।୧(ଅଶୋକ କୁମାର ସାହୁ)

ସ୍ଥାନୀୟ ମଡର୍ନ ଆଇ କେୟାର ସେଣ୍ଟରକୁ ଜାତୀୟ ସ୍ତରରେ ଭାରତ ସରକାରଙ୍କ ନାଭ ମାନ୍ୟତା ମିଳିଛି। ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନକୁ ଠିକ ଭାବେ ଅନୁପାଳନ ନିମନ୍ତେ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହି ଅନୁଷ୍ଠାନ ୧୨ ବର୍ଷ ଧରି ଚିକିତ୍ସା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି। ଉକ୍ତ ଚିକିତ୍ସାଳୟରେ ବହିର୍ବିଭାଗରେ ୫୦ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯିବା, ୩୨୪୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର, ୨୦ ହଜାରରୁ ଅଧିକ ଗ୍ରାମରେ ଘରେ ଘରେ ଚିକିତ୍ସା ସେବା ଯୋଗାଇ ଦେବା ସହ ୧୨୦୦୦ରୁ ଉର୍ଦ୍ଧ୍ୱ ଦୁର୍ଗମ ଅଞ୍ଚଳରେ ଚକ୍ଷୁ ଚିକିତ୍ସା ସେବା ଯୋଗାଇବାରେ ସକ୍ଷମ ହୋଇଛି। ଅନୁଷ୍ଠାନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ଅବଦାନ ରହିଛି ଏବଂ ସେବା ଯୋଗାଇବା ଆଗକୁ ମଧ୍ୟ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## କାର୍ ପୋଡ଼ିଦେଲେ ଦୁର୍ବୃତ୍ତ



ଗୋପାଳପୁର,୨୮।୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ରଣ୍ଡା ଗ୍ରାମ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାରକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରଣ୍ଡା ଗ୍ରାମର ସୁନୀଲ ସାମନ୍ତରାୟ ତାଙ୍କ ସମ୍ପର୍କୀୟ ଗୋଶାଣୀନୂଆଗାଁ ଅଞ୍ଚଳର ପଞ୍ଚାନନ ସାବତଙ୍କ ଇଣ୍ଡିଗୋ କାର ପଞ୍ଚମା ରାସ୍ତାରେ ଗତ କିଛି ଦିନ ହେଲା ରଖିଥିଲେ। ସୋମବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କାର ଭିତରେ ନିଆଁ ଲଗେଇ ଦେଇଥିଲେ। ଯାହା ଫଳରେ କିଛି ଅଂଶ ପୋଡି ଯାଇଥିଲା। ମଙ୍ଗଳବାର ସକାଳେ ଏହାକୁ ଦେଖି ସୁନୀଲ ସାମନ୍ତରାୟ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ପୁଣି ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ କାରରେ ନିଆଁ ଲଗାଇ ଚମ୍ପଟ ମାରିଥିଲେ। କନିସି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିବା ବେଳେ କାରଟି ୮୦ ରୁ ୯୦ ପ୍ରତିଶତ ଜଳି ଯାଇଥିଲା। ପୋଲିସ ଜାଣିବା ପରେ ସୁନୀଲ ସାମନ୍ତରାୟଙ୍କ ଅଭିଯୋଗକୁ ଆଧାର କରି ତରବରିଆ ଭାବେ ନଂ. ୪୮/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଗଜପତିରେ ବନ୍ଦ ଡାକରାର ଆଂଶିକ ପ୍ରଭାବ

ପାରଳାଖେମୁଣ୍ଡି,୨୮।୧(ଗିରିଧାରୀ ପରିଚ୍ଛା):

ନବନିର୍ମାଣ କୃଷକ ସଂଗଠନର ବନ୍ଦ ଡାକରାର ଆଂଶିକ ପ୍ରଭାବ ଗଜପତିଜିଲାରେ ପଡିଥିବା ଦେଖିବାକୁ ମିଳିଛି । ଜିଲାରେ ଗାଡିମୋଟର ଚଳାଚଳ, ଦୋକାନବଜାର ସ୍ୱାଭାବିକ ଚାଲିଥିବା ବେଳେ ଆନ୍ଦୋଳନକୁ ସମର୍ଥନ କରିଛି କଂଗ୍ରେସ । ପାରଳାଖେମୁଣ୍ଡି ସହର ପ୍ରବେଶ ପଥ ଫରେଷ୍ଟ ଗେଟ ଛକ ନିକଟରେ ଧାନ ବସ୍ତା ରଖି, ଟାୟାର ଜାଳି ରାସ୍ତା ଦୀର୍ଘ ସମୟ ଧରି ଚାଷୀମାନେ ରାସ୍ତା ଅବରୋଧ କରି ରଖିଥିଲେ। ଶତାଧିକ ଚାଷୀ ଏକତ୍ରିତ ହୋଇ ରାସ୍ତା ଉପରେ ସରକାରୀ ବିରୋଧୀ ନାରାବାଜି କରିଥିଲେ। ବିଭିନ୍ନ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ନବ ନିର୍ମାଣ କୃଷକ ସଂଘଠନ ଗଜପତି ଶାଖା ସଂଘଠକ ରଞ୍ଜିତ ପଟ୍ଟନାୟକ ପ୍ରମୁଖ କହିଛନ୍ତି । ଗଜପତି ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ, ନଗର ସଭାପତି ବସନ୍ତ ପଣ୍ଡା ପ୍ରମୁଖ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ଏହି ବନ୍ଦ ପାଳନକୁ ସମର୍ଥନ ଦେଇଥିଲେ।

# ବିଶ୍ୱ ଦରବାରରେ ଗୋପାଳପୁର ମହୋତ୍ସବ ସ୍ଥାନ ପାଇବ

**ଗୋପାଳପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**



ବ୍ରହ୍ମପୁର/ଗୋପାଳପୁର, ୨୮।୧ (ସୁବାସ ଚନ୍ଦ୍ର ପାଢ଼ୀ/ ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁରରେ ଚାଲିଛି ବେଳାଭୂମି ମହୋତ୍ସବ। ବୁଧବାର ଥିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ଓଡ଼ିଶାର ବିଭିନ୍ନ ସ୍ଥାନରେ ମହୋତ୍ସବ ହେଉଛି। କିନ୍ତୁ ଗୋପାଳପୁର ବେଳାଭୂମି ମହୋତ୍ସବର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଏହା ଏକ ବହୁମୁଖୀ ମହୋତ୍ସବ। ଆଗାମୀ ଦିନରେ ଗୋପାଳପୁର ମହୋତ୍ସବ ବିଶ୍ୱ ଦରବାରରେ ସ୍ଥାନ ପାଇବ ଏଥିରେ ସନ୍ଦେହ ନାହିଁ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ମହୋତ୍ସବ ନୀରବଚ୍ଛିନ୍ନ ଭାବେ ହେବା ଦରକାର। ଏଠି ବିଭିନ୍ନ ସ୍ଥାନର କଳାକାରମାନେ ନିଜ କଳା ପରିବେଷଣ ପାଇଁ ସୁଯୋଗ ପାଉଛନ୍ତି। ବିଭିନ୍ନ ସ୍ଥାନର କଳାକୁ ଲୋକେ ଦେଖି ପାରୁଛନ୍ତି। ଗୋପାଳପୁରକୁ ଅନେକ ପର୍ଯ୍ୟଟକ ବି ଆସୁଛନ୍ତି। ସେମାନଙ୍କୁ ଏହି ମହୋତ୍ସବ ନିଶ୍ଚିତ ଆକୃଷ୍ଟ କରିବ। ଗଞ୍ଜାମର କଳା, ସାଂସ୍କୃତି, ଐତିହ୍ୟ ମହାନ। ତେଣୁ ଏହା ଦେଶ ବିଦେଶରେ ପହଞ୍ଚିବା ଦରକାର। ଅନ୍ୟପକ୍ଷରେ ଗଞ୍ଜାମର ଅନେକ ଜମି ପଟ୍ଟା ସମସ୍ୟା ଥିଲା ତାହା ସମାଧାନ ହୋଇଛି। ଆଗାମୀ ଦିନରେ ଏହି ସମସ୍ୟା ସମ୍ପୂର୍ଣ୍ଣ ସମାଧାନ ହୋଇଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ ଯେ, ମହୋତ୍ସବ ସମସ୍ତଙ୍କୁ ଯୋଡିବାର ଏକ ମାଧ୍ୟମ। ଅନେକ ଷ୍ଟଲ ପଡିଛି। ସେଠାରେ ସ୍ୱଦେଶୀ ଉତ୍ପାଦ ସାମଗ୍ରୀ ମିଳୁଛି। ପ୍ରଧାନମନ୍ତ୍ରୀଙ୍କ ଯେଉଁ ସ୍ୱପ୍ନ ରହିଥିଲା ତାହା ସାକାର ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ଦୁଇଟି କଥା କହିଛନ୍ତି। ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ସାମଗ୍ରୀ ବ୍ୟବହାର। ଆମେ ଆତ୍ମନିର୍ଭର ହୋଇ ଆସୁଛେ। ଆଗାମୀ ଦିନରେ ଭାରତ ସମ୍ପୂର୍ଣ୍ଣ ଆତ୍ମନିର୍ଭର ହୋଇଯିବ। ସେହିପରି ସ୍ୱଦେଶୀ ସାମଗ୍ରୀ ଆମେ ବ୍ୟବହାର କଲେ ଆମ ଦେଶର ଅର୍ଥନୀତି ସୁଦୃଢ଼ ହୋଇପାରିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟ ପୂରଣ ହେବ ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମହୋତ୍ସବକୁ ନେଇ ଅନେକ କଥା କହିଥିଲେ। ବନାରସରୁ ଆସିଥିବା ପଣ୍ଡିତଙ୍କ ସମୁଦ୍ର ଆଳତି ପର୍ଯ୍ୟଯକଙ୍କୁ ଏକ ଭିନ୍ନ ସ୍ୱାଦ ଦେଇଛି। ସେହିପରି ସମ୍ମାନିତ ଅତିଥି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ କହିଲେ ଯେ, ମହୋତ୍ସବ ଆଜିବି କଳିଙ୍ଗର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଛି। ସେହିପରି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ପାତ୍ର କହିଲେ ଯେ, କଳା ସଂସ୍କୃତିକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏହା ଏକ ଅର୍ଥନୀତିର ଏକ ମାଧ୍ୟମ ପାଲଟିବ ଆଗାମୀ ଦିନରେ ବୋଲି କହିଥିଲେ। ଜିଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରି ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଜିଲାପରିଷଦ ଅଧ୍ୟକ୍ଷ ଅଞ୍ଜଳି ସ୍ୱାଇଁ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ ପୃଷ୍ଟି, ସୁନୀଲ କେର୍କେଟା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ତେଲୁଗୁ କଣ୍ଠ ଶିଳ୍ପୀ ରାହୁଲ ସିପଲିଗୁଞ୍ଜ ସଂଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ତଥା ବିଧାୟକ ମୈଥିଳି ଠାକୁର, ସୋହିନୀ ମିଶ୍ର, ଶଶାଙ୍କ ଶେଖର ପ୍ରମୁଖ ଗୋଟିଏ ପରେ ଗୋଟିଏ ସଂଗୀତ ପରିବେଷଣ କରି ଶୀତୁଆ ରାତିକୁ ମତୁଆଲା କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସଂଗୀତ ଦୁନିଆରେ ଦର୍ଶକ ହଜିଯାଇଥିଲେ।

## ସଂସ୍କୃତିସମ୍ପନ୍ନ ବ୍ୟକ୍ତିତ୍ୱ ଅଲୋଡ଼ା

ବ୍ରହ୍ମପୁର, ୨୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶାର ଏକ ପ୍ରମୁଖ ଉତ୍ସବ ମଧ୍ୟରେ ଗୋପାଳପୁର ବେଳାଭୂମି ମହୋତ୍ସବ ସ୍ଥାନ ସ୍ୱତନ୍ତ୍ର। କିନ୍ତୁ କଳା, ସଂସ୍କୃତି, ଭାଷା ସହିତ ଜଡିତ ବ୍ୟକ୍ତିତ୍ୱଙ୍କୁ ନିମନ୍ତ୍ରଣ ନ କରିବା ଓଡିଆ ଅସ୍ମିତା ପ୍ରତି ଅଣଦେଖା ବୋଲି କହିବାକୁ ହେବ ବୋଲି ଭାଷା ଆନ୍ଦୋଳନର ସଭାପତି ସାଗର ରଂଜନ ତ୍ରିପାଠୀ କହିଛନ୍ତି। ଗଞ୍ଜାମର ବରପୁତ୍ର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ,ମହାରାଜ କୃଷ୍ଣଚନ୍ଦ୍ର ଗଜପତି ,ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ସନ୍ଧ୍ୟାରେ ଏହି ମଞ୍ଚ ସେମାନଙ୍କ ନାମରେ ଉତ୍ସର୍ଗ କରି ଆମ ମାଟିର ବରପୁତ୍ର ମାନଙ୍କ ପାଇଁ ବଡ ସମ୍ମାନ ଦେଇଥିବା ବେଳେ ଏ ମାଟିର ଭାଷା ସାହିତ୍ୟ ସଂସ୍କୃତି ପ୍ରେମୀ ସାରସ୍ୱତ ସାଧକଙ୍କୁ ସ୍ଥାନ ନଦେବା ଦୁଃଖର ବିଷୟ ବୋଲି ସେ କହିଛନ୍ତି। ଜିଲାର ସାହିତ୍ୟିକ କବି ଲେଖକ ସ୍ତମ୍ଭକାର ଭାଷା ସାହିତ୍ୟ ସଂସ୍କୃତି ପ୍ରେମୀ ଶିକ୍ଷାବତ୍ ଐତିହାସିକଙ୍କ ଗୋପାଳପୁର ବେଳାଭୂମି ମହୋତ୍ସବରେ ସ୍ଥାନ ନାହିଁ ବୋଲି ଦୁଃଖର ସହ କହିଛନ୍ତି ପୂର୍ବତନ କୁଳପତି ପ୍ର.ମନ୍ମଥ ପାଢ଼ୀ। ଶ୍ୟାମ ସୁନ୍ଦର ଖାଡଙ୍ଗା ମଧ୍ୟ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରି କହି ଛନ୍ତି।

### ପରିସ୍ରାଗାର ବନ୍ଦ ପଡିଛି

ମହୋତ୍ସବ ପାଇଁ ନିର୍ମାଣ ହୋଇଛି ପରସ୍ରାଗାର। କିନ୍ତୁ ଏହି ପରିଶ୍ରାଗାର ବନ୍ଦ ହୋଇ ରହିଛି। ଭରପୁର ଦର୍ଶକ ବସିଥିବାବେଳେ ସେମାନେ ପରିଶ୍ରା କରିବା ପାଇଁ ଏଣେତେଣେ ବୁଲୁଥିବା ଦେଖାଯାଇଥିଲା। କିନ୍ତୁ ପରିସ୍ରାଗାର ପ୍ରଶାସନ ତରଫରୁ ନିର୍ମାଣ କରାଯାଇଥିଲେ ବି ତାହା ଚାବି ପଡିଥିବାରୁ ଦର୍ଶକ ଅସନ୍ତୋଷ ପ୍ରକାଶ କରିଥିଲେ।

### ରାଜନୀତି ଭାଷଣକୁ ନେଇ ପର୍ଯ୍ୟଟକ ଖପ୍ପା

ମହୋତ୍ସବ ପାଇଁ ଅନେକ ଅର୍ଥ ଖର୍ଚ୍ଚ ହେଉଛି। ଜିଲାର କଳା ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଇଛି। କିନ୍ତୁ ମହୋତ୍ସବ ମଞ୍ଚରେ ମହୋତ୍ସବ ଓ କଳା ସଂସ୍କୃତି, ସାହିତ୍ୟ ଚର୍ଚ୍ଚାକୁ ଛାଡି ଦେଶ ବିଷୟରେ ଉଦବୋଧନ ଦେବା ଦ୍ୱାରା ପର୍ଯ୍ୟଟକ ମୁହଁ ଫେରାଉଥିବା ଦେଖିବାକୁ ମିଳିଥିଲା।

### ଅତିଥିଙ୍କ ଅନୁପସ୍ଥିତି ନେଇ ଭିନ୍ନ ଚର୍ଚ୍ଚା

ମହୋତ୍ସବର ପ୍ରଥମ ଦିନରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ଓ ସାଂସଦ ପ୍ରଦୀପ ପାଣିଗ୍ରାହୀ ଆସିନଥିଲେ। ଦୁହେଁ ଭାଜପାର ସଦସ୍ୟ ହୋଇଥିଲେ ବି ସେମାନେ ନ ଆସିବା ଦ୍ୱାରା ଦଳରେ କୁଆଡ଼େ ଫାଟ ହୋଇଛି କି ବୋଲି ଚର୍ଚ୍ଚା ହେଉଥିବା ଶୁଣାଯାଇଥିଲା। ସେହିପରି ଦ୍ୱିତୀୟ ଦିବସରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏମପି ଅନିତା ଶୁଭଦର୍ଶନୀ ବି ଅନୁପସ୍ଥିତ ଥିଲେ।

# ଗୋପାଳପୁର କଲେଜର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର କଲେଜରେ ୪୪ତମ ବାର୍ଷିକ ଉତ୍ସବ ପାଳନ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ଼.ରାମ ପ୍ରସାଦ ପଣ୍ଡା ଅଧକ୍ଷତା କରିଥିଲେ । କଲେଜର ଡ଼.ରାଜେନ୍ଦ୍ର କୁମାର ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ । ଡ଼.କଳାଚାନ୍ଦ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରୀଛାତ୍ର ମାନେ ସବୁବେଳେ ଲକ୍ଷ୍ୟ ସ୍ଥଳକୁ ଯିବା ସହ ଶୃଙ୍ଖଳିତ ରହିବା ଦରକାର । କଲେଜର ରହିଥିବା ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ କରିବାକୁ ଚେଷ୍ଟା କରିବି । ଛାତ୍ର,ଛାତ୍ରୀ ମାନଙ୍କୁ ସବୁବେଳେ ଇ ଲାଇବ୍ରେରୀରେ ପାଠ ପଢିବା ପାଇଁ ସୁଯୋଗ ଦେବା ପାଇଁ କହିଥିଲେ । ସମ୍ମାନିତ ଅତିଥି ଭାବେ କନିସି ସ୍ଥିତ ଡ଼ିପିଆଇଏଏସଇ ର ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ପ୍ରଧାନ,ମୁଖ୍ୟବକ୍ତା ଭାବେ ନରେନ୍ଦ୍ରପୁର କ୍ଷେତ୍ର ମହୋନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ଼.ହୃଷିକେଶ ପଣ୍ଡା ଯୋଗ ଦେଇ ନିଜ ନିଜ ମତ ପ୍ରକାଶ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଡ଼.ରାମ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା,୨୮।୧(ସୁରେନ୍ଦ୍ର ନାଥ ସାହୁ):

ଆସିକା ସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼. ସରୋଜ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି, ପୂର୍ବତନ ଉପ ଆଞ୍ଚଳିକ ନିର୍ଦ୍ଦେଶକ ତଥା କବି ଡ଼. ସୁଶାନ୍ତ ଦାଶ, ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଅଧ୍ୟାପିକା ଡ଼. ଲିଲା ଲିଲିୟନ, ଅଧ୍ୟାପିକା ଡ଼.ସୁପ୍ରିୟା ଦାଶ, ଅଧ୍ୟାପିକା ଜୟପ୍ରଦା ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ । ଛାତ୍ରୀମାନେ ସୁସ୍ଥ ମାନସିକତା ସାଙ୍ଗକୁ ସକାରାତ୍ମକ ଚିନ୍ତାଧାରା ଦ୍ୱାରା ଉଜ୍ଜଳ ଭବିଷ୍ୟତ ଗଠନରେ ସକ୍ଷମ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଆତ୍ମରକ୍ଷା ତାଲିମ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୨୮।୧(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛ। ଅଧ୍ୟାପିକା ସନ୍ତୋଷିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିଲା। ମାଷ୍ଟର ଟ୍ରେନର ଜୟନ୍ତୀ କୁମାରୀ ପ୍ରଧାନ ଓ ରଶ୍ମି ପ୍ରଧାନ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଉଦ୍‌ଯାପନୀରେ କଲେଜ ଅଧ୍ୟକ୍ଷ ସୁବ୍ରତ କୁମାର ପାଢ଼ୀ, ଅଧ୍ୟାପକ ଡ଼. ପ୍ରଦୀପ କୁମାର ମହାପାତ୍ର, ଅଧ୍ୟାପିକା ଆଭାରାଣୀ ପଟ୍ଟନାୟକ, ସମାଜସେବୀ ବିଷ୍ଣୁପ୍ରିୟା ଦାଶ ଉପସ୍ଥିତ ରହି ତାଲିମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନୋଡାଲ ଅଫିସର ସନ୍ତୋଷିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପାର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



ଉପସ୍ଥିତ ମନ୍ତ୍ରୀ ଓ କର୍ମୀ।

ବୁଗୁଡ଼ା,୨୮।୧(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଂଗି ପଞ୍ଚାୟତର ହାଇସ୍କୁଲ ଖେଳ ପଡିଆରେ ବୁଧବାର ଭାଜପା ପକ୍ଷରୁ କର୍ମୀ ସମ୍ମିଳନୀ ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। କରସିଙ୍ଗ ପଞ୍ଚାୟତର ଯୁବନେତା ନିରଞ୍ଜନ ଗୌଡ଼ ଓ ମଣ୍ଡଳ ସଭାପତି ସୁନୀଲ ପ୍ରଧାନଙ୍କ ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପସ୍ଥିତ ଭାଜପା କର୍ମୀଙ୍କୁ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଦଳୀୟ ସଙ୍ଗଠନକୁ ମଜବୁତ କରିବା ବିଷୟରେ ଆଲୋଚନା କରିଥିଲେ। ଏହାସହିତ ବିଜେଡି ଦଳ ପରିତ୍ୟାଗ କରିଥିବା ଶତାଧିକ ଲୋକଙ୍କୁ ମନ୍ତ୍ରୀ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସମ୍ମାନର ସହ ଭାଜପା ଦଳରେ ସାମିଲ କରାଇଥିଲେ। ବିକଶିତ ଓଡ଼ିଶା ସହ ବିକଶିତ ଗ୍ରାମ ଭାବେ କରସିଂଗ ଗ୍ରାମକୁ କରିବା ପାଇଁ ମନ୍ତ୍ରୀ ମଲ୍ଲିକ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ମନ୍ତ୍ରୀ ନାମ ଯଜ୍ଞ ନିମନ୍ତେ ଶାଳାଘର ଉଦଘାଟନ ସହ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦଘାଟନ କରିଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ନିପା ର ଚୁକ୍ତିପତ୍ର ସ୍ୱାକ୍ଷର କର୍ମଶାଳା



ଚୁକ୍ତିପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୩ ଦିନିଆ କର୍ମଶାଳା ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ର ଶିକ୍ଷାତ୍ମକ ନେତୃତ୍ୱ ଏବଂ ସଂସ୍ଥାଗତ ଉତ୍କୃଷ୍ଟତା ଶୀର୍ଷକ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ର ଯୁଗ୍ମ ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀଧର ରାଉତ ଅତିଥି ପରିଚୟ ଦେଇଥିଲେ। ସିଡିସି ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର କୁମାର ସୁରେଶ ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼.ନାରାୟଣ ବେହେରା,ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ନିଜ ନିଜ ମତବ୍ୟକ୍ତ କରିଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ ମହାବିଦ୍ୟାଳୟରେ କିପରି ଦଳଗତ କାର୍ଯ୍ୟର ଉପକାରିତା ଉପରେ ଆଲୋକପାତ କରିଥିଲେ । ଏଥିରେ ନିପା (ଏନ ଆଇ ଇ ପି ଏ ) ର କୁଳପତି ପ୍ରଫେସର ଶଶୀକଳା ୱାନଜାନି ମୁଖ୍ୟ ଅତିଥି ଭାବେ ଅନଲାଇନରେ ଯୋଗ ଦେଇ ନିପା ର ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା କିପରି ନୂତନ ଶିକ୍ଷାନୀତି ୨୦୨୦ ପ୍ରୟୋଗ କରାଯାଇପାରିବ ସେ ନେଇ ଆଲୋକପାତ କରିଥିଲେ । ବ୍ରହ୍ମପୁର ବିଶବିଦ୍ୟାଳୟ କୁଳପତି ଗୀତାଞ୍ଜଳି ଦାଶ ଯୋଗ ଦେଇ ଶୀର୍ଷକର ଉପଦେୟତା ଓ ଉତ୍କୃଷ୍ଟତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବ୍ରହ୍ମପୁର ବିଶବିଦ୍ୟାଳୟ ଏବଂ ନିପା ମଧ୍ୟରେ ଏକ ଚୁକ୍ତିପତ୍ର ସାକ୍ଷର ହୋଇଥିଲା। ଶେଷରେ ସହକୁଳସଚିବ ଡ଼.ସରୋଜ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଯୁଗ୍ମ କୁଳସଚିବ ଡ଼.ବାବୁଜୀ ସାମଲ,ଡ଼.ବନମାଳୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚୁକ୍ତି ୫ ବର୍ଷ ପାଇଁ ସ୍ୱାକ୍ଷର ହୋଇଛି।

## ଲାଞ୍ଚ ମାମଲା, ଏଏସ୍ଆଇଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୨୮।୧(ରାକେଶ କୁମାର ରାଉତ):

ଲାଞ୍ଚ କାରବାର ମାମଲାର ବିଚାର କରି ବୁଧବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରାଜେଶ ଦାସ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟ ଅଧିକ ୪ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ବୌଦ୍ଧ ଜିଲା ବୁରୁପାଲି ଗାଁ ତଥା ଅନୁଗୋଳ ଜିଲା କିଆକଟା ଥାନାର ପୂର୍ବତନ ଏଏସ୍ଆଇ ନବୀନ କୁମାର ଶତପଥୀ। ସେ ଏବେ ଦେବଗଡ଼ କୋର୍ଟ ଏଏସ୍ଆଇ ଭାବେ କାର୍ଯ୍ୟରତ ଅଛନ୍ତି। ଦଣ୍ଡ ଘୋଷଣା ପରେ ତାଙ୍କୁ ୫୦ ହଜାର ଟଙ୍କା ଜାମିନରେ ଛଡ଼ାଯାଇଛି।

ସୂଚନା ଅନୁସାରେ, କିଆକଟା ଥାନାରେ ପଞ୍ଚାନନ ମେହେରଙ୍କ ଭାଇ ଏବଂ କାକାଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ଏଏସ୍ଆଇ ଶତପଥୀ ଏଫଆଇଆରରେ ଲାଗୁ ହୋଇଥିବା ଧାରା କୋହଳ କରିବା, ଭାଇ ଏବଂ କାକାଙ୍କୁ ଗିରଫ ନ କରିବା ପାଇଁ ପଞ୍ଚାନନଙ୍କୁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ପଞ୍ଚାନନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏଏସ୍ଆଇ ବୌଦ୍ଧ ବସଷ୍ଟାଣ୍ଡରେ ଏହି ଟଙ୍କା ଗ୍ରହଣ କଲା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରିଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର ଜନଶୁଣାଣି ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଆୟୋଗ ଅଧକ୍ଷାଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୮।୧(ଅଶୋକ କୁମାର ସାହୁ)

ବ୍ରହ୍ମପୁର ଉପ ଜିଲାପାଳଙ୍କ ସମ୍ମୀଳନୀ କକ୍ଷରେ ଓଡ଼ିଶା ଶିଶୁ ଅଧିକାର ଆୟୋଜନ ପକ୍ଷରୁ ଏକ ଜନ ଶୁଣାଣି ଶିବିର ହୋଇଥିଲା। ଶିବିରରେ ଆୟୋଗର ଅଧକ୍ଷା ବବିତା ପାତ୍ର, ଆୟୋଗର ସଦସ୍ୟ ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ, ହବିବୁର ରହମାନ ଆଇନ ପରାମର୍ଶ ଦାତା, ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାର ପାତ୍ରପୁର, ଚିକିଟି ବ୍ରହ୍ମପୁର, କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା, ଛତ୍ରପୁର, ଆସ୍କା ବ୍ଲକର ସମୁଦାୟ ୪୩୦ ଅଭିଯୋଗରୁ ୧୫୦ ଟି ଅଭିଯୋଗ ଶିଶୁ କମିଶନ ଶୁଣାଣି କରିଥିଲେ ଏବଂ ସମୟ ଅଭାବରୁ ବାକି ଅଭିଯୋଗ ଗୁଡିକ ପରବର୍ତ୍ତୀ ସମୟ ରେ ଶୁଣାଣି ନିମନ୍ତେ ସ୍ଥଗିତ ରଖିଥିଲେ।

# ସରକାରୀ ଜମି ଜବରଦଖଲକୁ ନେଇ ଉତ୍ତେଜନା



ଥାନାରେ ଉତ୍ତେଜିତ ଗ୍ରାମବାସୀ ।

ଦିଗପହଣ୍ଡି,୨୮।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ଗ୍ରାମର ଏକାଧିକ ଏକର ସରକାରୀ ଜମି ଜବରଦଖଲକୁ କେନ୍ଦ୍ରକରି ୨ଦିନ ହେଲା ଉତ୍ତେଜନା ଲାଗିରହିଛି। ବ୍ରହ୍ମପୁର ଏବଂ ଦିଗପହଣ୍ଡିର ୨ଜଣ ପ୍ରଭାବଶାଳୀ ବ୍ୟକ୍ତି ଆଙ୍କୋରଡ଼ା ମୌଜାର ପ୍ରାୟ ୭୭ ଏକର ଅନାବାଦୀ ଗୋଚର କିସମର ସରକାରୀ ଜମିକୁ ଜବରଦଖଲ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୨୦୨୦ ମାର୍ଚ୍ଚ ୨ ତାରିଖରେ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ପ୍ରାୟ ୩ ଏକର ଜମିରେ ଶ୍ରୀସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପରେ ସେଠାରେ ପାର୍କ, ସରକାରୀ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ମିଶନ ଶକ୍ତି କୋଠା ନିର୍ମାଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମୟରେ ରାମ ଦୋଳି ପକାଇବା ପାଇଁ ମନ୍ଦିର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଅନୁମତି ନିଆଯାଇ ତାଙ୍କ ଜମି ହିଡକୁ ସମତୁଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରୀ ଜମି ଜବରଦଖଲ କରି ପିଲର ପୋତିଥିଲେ। ଏନେଇ ଗ୍ରାମରେ ସଭା କରାଯାଇ ପିଲର ଗୁଡ଼ିକୁ ଓପାଡ଼ି ଦିଆଯାଇଥିଲା। ବ୍ୟକ୍ତି ଜଣକ ଏନେଇ ଗ୍ରାମର ମୁଖିଆ ତଥା ପୂର୍ବତନ ସରପଞ୍ଚ ନିରାକାର ପ୍ରଧାନ, ତାରକେଶ୍ୱର ଦୋରା, ସନ୍ୟାସୀ ପ୍ରଧାନ ଏବଂ ଅନ୍ୟ କିଛି ବ୍ୟକ୍ତିଙ୍କ ନାଁରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଥାନାରେ ହାଜର ହେବାକୁ ପୋଲିସ ସେମାନଙ୍କୁ କହିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଆଙ୍କୋରଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଶିଶିର କୁମାର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଥାନାକୁ ଯାଇଥିଲେ। ସେଠାରେ ଜଣେ କର୍ମଚାରୀ ଗାଁ ମୁଖିଆଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରି ଧମକ ଦେବାରୁ ଲୋକେ ଉତ୍ତେଜିତ ହୋଇ ହୋ ହଲ୍ଲା କରିଥିଲେ।

# ଜାତୀୟ ମିକ୍ସ ମାର୍ଶଲ ଆର୍ଟରେ ଅଙ୍କିତଙ୍କୁ ସ୍ୱର୍ଣ୍ଣପଦକ



ଗଞ୍ଜାମ,୨୮।୧(ଅନାଥ ତରାଇ)

ରମ୍ଭା ସହର ନିକଟସ୍ଥ ବ୍ରଜମୋହନପୁର ସାହିର ୧୮ ବର୍ଷୀୟ ଯୁବକ ଅଙ୍କିତ ଅଂଶୁମାନ ଗୌଡ଼ ଜାତୀୟ ମିକ୍ସ ମାର୍ଶଲ ଆର୍ଟସ (ଏମ୍ଏମ୍ଏ) ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଉତ୍ତରାଖଣ୍ଡରେ ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ତାଙ୍କର ଅସାଧାରଣ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଛି। ଅଂଶୁମାନଙ୍କ ବାପା ବାବୁଲା ଗୌଡ଼ ଜଣେ ସ୍କେଚ୍ ଆର୍ଟିଷ୍ଟ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି, ମାତା ଚୁନି ଗୌଡ଼ ଗୃହିଣୀ। ମାତ୍ର ୧୬ ବର୍ଷ ବୟସରୁ ମାର୍ଶଲ ଆର୍ଟସ ପ୍ରତି ଆଗ୍ରହ ଦେଖାଇଥିବା ଅଙ୍କିତଙ୍କୁ ବାପା ଗୁଜରାଟର ବ୍ଲାକ ସ୍ୱାର୍ଡ ଏମ୍ଏମ୍ଏ ଏକାଡେମିରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଦୃଢ଼ ମନୋବଳ ଓ ଅଧ୍ୟବସାୟ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ୨୦୨୫ ଅକ୍ଟୋବର ୨୮ରେ ମୁମ୍ବାଇରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ଜିତିଥିଲେ। ଏବେ ଉତ୍ତରାଖଣ୍ଡରେ ସ୍ୱର୍ଣ୍ଣପଦକ ହାସଲ କରି ସେ ନିଜ ସ୍ୱପ୍ନକୁ ସାକାର କରିଛନ୍ତି। ଅଙ୍କିତ କହିଛନ୍ତି କମ୍ ବୟସରେ ଯେଉଁ ସ୍ୱପ୍ନ ଦେଖିଥିଲି, ଆଜି ତାହା ପୂରଣ ହୋଇଛି। ଆଗକୁ ଆନ୍ତର୍ଜାତୀ ସ୍ତରରେ ଦେଶର ନାଁ ଉଜ୍ଜ୍ୱଳ କରିବା ମୋର ଲକ୍ଷ୍ୟ। ତାଙ୍କ ସଫଳତାରେ ବାପା, ଗୁରୁ ଓ ପରିବାରଙ୍କୁ ଶ୍ରେୟ ଦେଇଛନ୍ତି ଅଙ୍କିତ। ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟିଛି।

## ସଂକ୍ଷେପରେ

### ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

ରାମଗିରି,୨୮।୧(ବୃନ୍ଦାବନ ଗୌଡ଼)

ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇ ରାମଗିରି ଥାନାର ନାମକୁ ରାଜ୍ୟସ୍ତରରେ ପରିଚିତ କରି ଆସିଥିବା ଥାନାଧିକାରୀ ଗଜପତି ଦୋରାଙ୍କୁ ଶ୍ରୀଶ୍ରୀ ରାମେଶ୍ୱର ବଣିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କୁ ପୋଲିସ ବିଭାଗର ଦକ୍ଷତା ଓ ନିଷ୍ଠାପର ସେବା ପାଇଁ ୧୯୯୪ ଏବଂ ୧୯୯୮ ମସିହାରେ କନେଷ୍ଟବଳ ପାଇଁ ମାଲକାନଗିରିରେ ପୁରସ୍କୃତ କରାଯାଇଥିବା ବେଳେ ଗଜପତି ଜିଲାସ୍ତରରେ ୨୦୧୪, ୨୦୨୧ ଏବଂ ୨୦୨୫ ପାଇଁ ଉତ୍କଳ ଦିବସରେ ଏଏସଆଇ ଭାବେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବଣିକ ସଂଘ ସଭାପତି ଡମ୍ବରୁଧର ପ୍ରଧାନୀ, ପୂର୍ବତନ ସଭାପତି ବୃନ୍ଦାବନ ଗୌଡ଼, ବରିଷ୍ଠ ବ୍ୟବସାୟୀ ନିରଞ୍ଜନ ଗୌଡ଼, ଗିରିଧାରୀ ପଟ୍ଟନାୟକ, ହରିଶ୍ଚନ୍ଦ୍ର ପ୍ରଧାନୀ, ଟି.ଭାସ୍କର ରାଓ ଅଚାରୀ, ରାଜେନ୍ଦ୍ର ମାଝୀ, ସୁନନ୍ଦ ଗୌଡ଼, ପୀତବାସ ପାଳ, କେଦାର ଚୌଧୁରୀଙ୍କ ସହ ବଣିକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଭାଙ୍ଗିଛି ଘର: ଏସ୍‌ଡିପିଓ

ଛତ୍ରପୁର,୨୮।୧(ଦିଲୀପ ସାମଲ):

ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜି. କାମରାଜୁଙ୍କ ଘର ବୋମାମାଡ଼ରେ ନୁହେଁ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଭାଙ୍ଗିଛି ବୋଲି ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ ଗୁରୁବାର କହିଛନ୍ତି। ଘରେ ୩ ଜଣ ଶୋଇଥିବା ବେଳେ ବିସ୍ଫୋରଣରେ କାନ୍ଥ ଭାଙ୍ଗିବା ସହ ବହୁ ସାମଗ୍ରୀ ନଷ୍ଟ ହୋଇଥିଲା। ସୌଭାଗ୍ୟବଶତଃ କାହାରି କିଛି ହୋଇ ନ ଥିଲା। ଏହି ଘଟଣାକୁ ଛତ୍ରପୁର ଥାନା ପୋଲିସ ଗୁରୁତ୍ୱ ଦେଇ ନଂ. ୩୩/୨୬ରେ ମାମଲା ରୁଜୁ କରିଥିଲା। ଠିକ୍ ତଦନ୍ତ। ସହିତ ଗଞ୍ଜାମ ଏସପିଙ୍କ ତତ୍ୱବଧାନରେ ସାଇଣ୍ଟିଫିକ୍ସ ଟିମ, ଫାୟାର ଟିମ, ରାଜ୍ୟ ବୋମା ନିଷ୍କ୍ରିୟକାରୀ ଟିମ, ଫରୋନସିକ ଟିମ ପହଁଚି ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। କାମରଜୁଙ୍କ ରୋଷଇ ଘରେ ଏକ ଛୋଟିଆ ଠାକୁର ଘରେ ଅଖଣ୍ଡ ଦୀପ ଜଳୁଥିଲା। ସେଠାରେ ଗୋଟିଏ ଖାଲି ଓ ଆଉ ଗୋଟିଏ ଗ୍ୟାସ ଭର୍ତ୍ତି ସିଲିଣ୍ଡର ରହିଥିଲା। ଦୀପ ଧୂଆଁ ଏବଂ ରେଗୁଲଟର ଯୋଗେ ଧୀରେ ଧରେ ଆସୁଥିବା ଗ୍ୟାସ ଯୋଗୁ ଏପରି ବ୍ଲାଷ୍ଟ ହୋଇଥିବା ରାଜ୍ୟ ଫରୋନ୍‌ସିକ ବିଜ୍ଞାନ ପରୀକ୍ଷାଗାର ବୈଜ୍ଞାନିକ ମାନେ ରିପୋର୍ଟ ଦେଇଥିବା ଏସଡିପିଓ ଘଡ଼ାଇ କହିଛନ୍ତି। ଖବରଦାତା ସମ୍ମିଳନୀରେ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଉପସ୍ଥିତ ଥିଲେ।

### ମଧୁବୈଶ୍ୟ ଗୁଡ଼ିଆ ସମାଜର ମିଳନ

ଗଞ୍ଜାମ,୨୮।୧(ଅନାଥ ତରାଇ)

ମଧୁବୈଶ୍ୟ ଗୁଡ଼ିଆ ସମାଜ, ତେରଷ୍ଟାନ ତାଲୁକା ଯୁବ ସଂଗଠନ ତରଫରୁ ଏକ ବିଶେଷ ମିଳନ ପର୍ବ ହୁମ୍ମା ହାଟ ପଡ଼ିଆ ନିକଟସ୍ଥ ଲଙ୍ଗଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗୁଡ଼ିଆ ସମାଜର ସମସ୍ତ ସଦସ୍ୟ ଏକତ୍ର ହୋଇଥିଲେ। ଏହି ଅବସରରେ ତେରଷ୍ଟାନ ତାଲୁକାର ସଭାପତି ଗୋବର୍ଦ୍ଧନ ସାହୁ, ଉପସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସମ୍ପାଦକ ଅଜୟ ଶାସମଲ, ସହ-ସମ୍ପାଦକ ସନ୍ତୋଷ ସାହୁ, ସଭ୍ୟ ବୈରୀ ରଞ୍ଜନ ସାହୁ, ଦିଲୀପ ସାହୁ, ଦେବେନ୍ଦ୍ର ସାହୁ, ପ୍ରଦୀପ ଶାସମଲ ଏବଂ ବରିଷ୍ଠ ସଦସ୍ୟ ହାଡୁବନ୍ଧୁ ସାହୁ ଉପସ୍ଥିତ ଥିଲେ। ଯୁବ ସଂଗଠନର ସଭାପତି ପ୍ରଭାତ କୁମାର ସାହୁ ସଭାପତିତ୍ୱ କରିଥିଲେ। ସହ-ସମ୍ପାଦକ ପିଣ୍ଟୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଘୁମୁସର ବନଖଣ୍ଡରେ ଗଣନା କରିବେ ୮୮ ଟିମ୍

ଭଞ୍ଜନଗର/ଆସିକା,୨୮।୧(ବାବୁଲା ପ୍ରଧାନ/ସୁରେନ୍ଦ୍ର ନାଥ ସାହୁ):

ଗଞ୍ଜାମ ଜିଲାର ଗର୍ବ ଓ ଗୌରବ କୃଷ୍ଣସାର ମୃଗ। ଗୁରୁବାର ଜିଲାରେ କୃଷ୍ଣସାର ମୃଗ ଗଣନା ହେବ। ଉଭୟ ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ କୃଷ୍ଣସାର ଗଣନା ପାଇଁ ମୋଟ ୮୮ଟି ଟିମ୍ ଗଠନ କରାଯାଇଛି। ଗଣନା ପୂର୍ବରୁ ବୁଧବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ଲାଲସିଂ ନର୍ସରୀ ପରିସରରେ ତାଲିମ ଶିବିର ହୋଇଥିଲା। ଏଥିରେ ଏସିଏଫ ବିବେକ ଦାସ ଅଧକ୍ଷତା କରି ଗଣନା କିଭଳି ହେବ ସେ ନେଇ କହିଥିଲେ। ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତା ରାଣୀ ପଣ୍ଡା ସଭା ସଂଯୋଜନା କରିଥିଲେ। ଏସିଏଫ ବିମଳ ପ୍ରଧାନ, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ

**କୃଷ୍ଣସାର ମୃଗ ଗଣନା ଆଜି**

ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ତାରସିଂ ରେଞ୍ଜର ପ୍ରଶାନ୍ତ ବେହେରା, ବନ୍ୟପ୍ରାଣୀ ବିଶେଷଜ୍ଞ ଉମା ବିଶ୍ୱାଳ, ବନପାଳ ଶରତ ମହାନ୍ତି, ବନରକ୍ଷୀ ପ୍ରଭାସିନୀ ଗୌଡ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ମତ ରଖିଥିଲେ। ଚଳିତ ବର୍ଷ କଲେଜ ଛାତ୍ରୀ ଛାତ୍ରଙ୍କୁ ଗଣନାରେ ସାମିଲ କରାଯାଇଛି। ସେମାନେ ମୃଗ ଗଣନା ସମୟରେ ସେଲ୍ଫି ନେବେ ନାହିଁ। ଏଥିସହ ଗଣନା ସମୟର ତଥ୍ୟ ବାହାରେ ପ୍ରଘଟ କରିବେ ନାହିଁ ବୋଲି ବକ୍ତାମାନେ କହିଥିଲେ। ଗୁରୁବାର ୬ଟାରୁ ୯ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ମୃଗ ଗଣନା ହେବ। ଏଥିପାଇଁ ୧୮ଟି ଟିମ୍ ଗଠନ ହୋଇଛି । ଗତବର୍ଷ ଏହି ବନଖଣ୍ଡରେ ୪୦୪ କୃଷ୍ଣସାର ଥିଲେ। ଚଳିତବର୍ଷ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଆସିକା ବ୍ଲକର ଚାରିମାଇଲି ସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଚଳିତବର୍ଷର କୃଷ୍ଣସାର ମୃଗ ଗଣନା ଲାଗି ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ ଘୁମୁସର ବନ ଖଣ୍ଡ ଅଧିକାରୀ ବିପାସା ପାରୁଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରୋଜ ପାଢ଼ୀ ଯୋଗ ଦେଇଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାମ୍ବର, ପ୍ରବେଶନରରେ ଥିବା ଆଇଏଫଏସ ଅଧିକାରୀ ଲବଧି ଜୈନ, ସହକାରୀ ବନ ସଂରକ୍ଷକ ପ୍ରଦୀପ କୁମାର, ପୂର୍ବତନ ଅବୈତନିକ ବନ୍ୟ ପ୍ରାଣୀ ସଂରକ୍ଷକ ଶୁଳପାଣି ଶତପଥି, ମୃଗ ସୁରକ୍ଷା ସମିତିର ସଭାପତି ଅମୂଲ୍ୟ ଉପାଧ୍ୟାୟ, ମୟୂର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ, ପ୍ରଶିକ୍ଷକ ଆକାଶ ରଥ, ରାଜଶ୍ୱରୀ ବେହେରା,ଆଶିଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସଂଯୋଜନା କରିଥିଲେ । ଦକ୍ଷିଣ ଘୁମୁସର ବନଖଣ୍ଡର କୃଷ୍ଣ ସାର ବସତି ଅଞ୍ଚଳ ଆସିକା, ପୋଲସରା, ବୁଗୁଡ଼ା ଏବଂ ବଡ଼ଗଡ଼ରେ କୃଷ୍ଣ ସାର ଗଣତି ଲାଗି ୭୦ଟି ଟିମ ଗଠନ କରାଯାଇଛି । ଏଥିସହ ଡ୍ରୋନ କ୍ୟାମେରା ଦ୍ୱାରା ମଧ ଗଣନା କରାଯିବ ବୋଲି କୁହାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ସାହୁ, ସୋରଡ଼ା,ବନାଞ୍ଚଳ ଅଧିକାରୀ ନିହାର ରଂଜନ ମଲ୍ଲିକ, ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ,ପୋଲସରା ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡା ସହ ବନପାଳ,ଶରତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗୀ ଥିଲେ।

## ମହୁରିକାଳୁଆ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଜିନିଷ ଚୋରି

### ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଦିଗପହଣ୍ଡି,୨୮।୧(ଅଶେଷ ନାଥ ମିଶ୍ର):



ପୀଠରେ ପୂଜା ପାଉଛନ୍ତି ମା' ମହୁରୀ କାଳୁଆ।

ଗଞ୍ଜାମ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୁକୁଡ଼ାଖଣ୍ଡି ବ୍ଲକ ଅଧିନ ମା' ମହୁରୀ କାଳୁଆଙ୍କ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ପୂଜା ସାମଗ୍ରୀ ଚୋରି କରିଛନ୍ତି। ସେଥିମଧ୍ୟରେ ରୁପା କିରଟି, ଫୁଲକଣା, ନୋଥ, ୨ଟି ସୁନା ପିସ୍ତୁଳି ଓ କିଛି ପୂଜା ସାମଗ୍ରୀ ରହିଛି। ପୂଜକ ଦେବେନ୍ଦ୍ର ଡାକୁଆ ରାତି ପୂଜା, ପହୁଡ଼ ନିତିକାନ୍ତି ସାରି ପ୍ରାୟ୧୨ଟାରେ ମନ୍ଦିର କବାଟ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ଭୋରରେ ସେ ସକାଳ ପୂଜା ପାଇଁ ଯାଇଥିବା ବେଳେ ଚୋରି ହୋଇଥିବା ଦେଖିଥିଲେ। ସେ ଏ ନେଇ ମନ୍ଦିର ପରିଚାଳନା କମିଟି ସମ୍ପାଦକ ନିରଞ୍ଜନ ମହାନ୍ତି, ଅନନ୍ତେଇ ପଞ୍ଚାୟତ ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଫୋନ କରି ଜଣାଇଥିଲେ। ଦିଗପହଣ୍ଡି ଥାନାକୁ ଖବର ଦିଆଯିବା ପରେ ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି ବୋଲି ସେ କହିଛନ୍ତି। ମନ୍ଦିର ଭଙ୍ଗାଯାଇ ପୁନଃ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିଛି ଦୁର୍ବୃତ୍ତ ପାଚେରୀ ଡେଇଁ ମନ୍ଦିର ଗର୍ଭଗୃହରେ ପଶି ଚୋରି କରିଥିବା ଜଣାପଡିଛି।

## ହିନ୍ଦୁ ସମ୍ମିଳନୀରେ ଯୋଗଦେଲେ ୧୨ ସଙ୍ଗଠନର ପ୍ରବକ୍ତା




ହିନ୍ଦୁ ସମ୍ମିଳନୀରେ ଭାଗ ନେଇଥିବା ଅତିଥି ଓ ପ୍ରବକ୍ତାମାନେ।

ଶେରଗଡ,୨୮।୧(ସୂର୍ଯ୍ୟ ନାରାୟଣ ଦାଶ):

ଶେରଗଡଠାରେ ଦୀର୍ଘବର୍ଷ ପରେ ବୁଧବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଶେରଗଡ ଆଧାମ୍ବିକ ଚେତନା ସଂଘ ପକ୍ଷରୁ ହୋଇଥିବା ଏହି ସମ୍ମିଳନୀରେ ୧୨ ଧର୍ମ ସଂଗଠନର ପ୍ରବକ୍ତା ଯୋଗଦେଇ ଥିଲେ। ସେମାନେ ନିଜ ଗୁରୁ ଓ ଭଗବାନ ଉପାସନା ସହ ହିନ୍ଦୁ ଧର୍ମ ଉପରେ ନିଜ ମତ ପ୍ରକାଶ କରିଥିଲେ। ଉପସ୍ଥିତ ଶତାଧିକ ମହିଳା ପୁରୁଷଙ୍କୁ ସମ୍ବୋଧିତ କରି କହିଥିଲେ ପ୍ରତ୍ୟେକ ଧର୍ମ ସଂଗଠନର ଉତ୍ଥାନ ଓ ପୁନରୁତ୍ଥାନ ଲାଗିରହିଛି। ଉତ୍ଥାନ ଓ ପୁନରୁତ୍ଥାନ ମଧ୍ୟରେ ହିନ୍ଦୁ ଧର୍ମକୁ ସଜାଡିବାର ସମୟ ଆସିଛି। ସମସ୍ତେ ମିଳିମିଶି ହିନ୍ଦୁ ଧର୍ମକୁ ରକ୍ଷା କରିବା ଓ ସେବା ଦ୍ୱାରା ଭଗବାନଙ୍କ ନିକଟତର ହେବାକୁ ଆହ୍ୱାନ ଦେଇଥିଲେ। ଶେରଗଡ ଆଧାମ୍ବିକ ଚେତନା ସଂଘର ସଭାପତି ପଠାଣି ଭଞ୍ଜ, ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଦ୍ୟାଳୟର ସୁବାସ ଚନ୍ଦ୍ର ସାହୁ , ସମ୍ପାଦକ ଗଜେନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ କିଟ ବିଶ୍ୱବିଦ୍ୟାଳୟର ଶୁଭକାନ୍ତ ଦାଶ, ପୂର୍ଣ୍ଣାନନ୍ଦ ସଂଘର ସଭାପତି ସନ୍ତୋଷ କୁମାର ପାତ୍ର, ସତ୍ୟସାଇ ସେବା ଗ୍ରୁପର ବିଜୟ କୁମାର ପାଣିଗ୍ରାହୀ, ବ୍ରହ୍ମକୁମାରୀ ଶିକନ୍ୟା, ହିନ୍ଦୁ ଧର୍ମର ପୁରେଧା ରମାକାନ୍ତ ରଥ,ସନ୍ଥ ନିରଙ୍କାରୀ ସଂଘର ରଘୁନାଥ, ବିଶ୍ୱହିନ୍ଦୁ ପରିଷଦର ସତ୍ୟାନନ୍ଦ ଗିରି ମହାରାଜା, ଶ୍ରୀ ଚୈତନ୍ୟ ସଂଘର ବିଷ୍ଣୁ ଦେଶ,ରାମଚରିତ ମାନସ ପ୍ରବକ୍ତା ବିପ୍ରଚରଣ ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମଙ୍ଗୁଲୁ ସ୍ୱାଇଁ , ଯୁବ ପ୍ରବକ୍ତା ଅଶୋକ କୁମାର ସାମନ୍ତରାୟ ଯୋଗଦେଇ ହିନ୍ଦୁ ଧର୍ମ ଉପରେ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଶେରଗଡ଼ ରାଜା ପୂର୍ଣ୍ଣଚନ୍ଦ୍ର ସିଂ ଦେଓ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ସମ୍ମିଳନୀ ର ଶୁଭାରମ୍ଭ କରିଥଲେ। ଶତାଧିକ ମହିଳା ମୁଣ୍ଡରେ କଳସ ଧରି ନନ୍ଦୀନ ନଦୀରୁ ବିରାଟ ଶୋଭାଯାତ୍ରାରେ ଶେରଗଡ ପାଇକସାହି, ବଡ଼ଦାଣ୍ଡ ସାହି ବଜାର ଛକ ହୋଇ ରମୁଣିସାହି ହୋଇ ଆଡ଼ପ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ସମ୍ମିଳନୀ ଆରମ୍ଭ ହୋଇଥିଲା। ବଙ୍କିମ ଚନ୍ଦ୍ର ପଟ୍ଟନାୟକ,ପ୍ରଦୀପ କୁମାର ଦାଶ ମନ୍ତ୍ର ପାଠ କରିଥିଲେ।

## ଇନ୍ଦିରା ମେମୋରିଆଲ କଲେଜର ବାର୍ଷିକୋତ୍ସବ

ମୋହନା,୨୮।୧(ମନ୍ମଥ ମିଶ୍ର)

ମୋହନା ବ୍ଲକ ଚାନ୍ଦିପୁଟସ୍ଥିତ ଇନ୍ଦିରା ମେମୋରିଆଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଯୁକ୍ତ ୩ ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦାଶରଥି ଗମାଙ୍ଗ, ମୁଖ୍ୟବକ୍ତା ଭାବେ ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟ ସୁନୀଲ ବିଶୋୟୀ, ସମ୍ମାନିତ ଅତିଥି ରୂପେ ଯୁକ୍ତ ୨ର ପୂର୍ବତନ ଅଧକ୍ଷ ଡ. କିଶୋର ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ମହାବିଦ୍ୟାଳୟ କିଭଳି ଭାବେ ବାଧା ବିଘ୍ନ ମଧ୍ୟରେ ଗଢ଼ି ଉଠି ଏଯାଏ ଚାଲିଛି ତାହା ପୂର୍ବତନ ଅଧକ୍ଷ ଡ. ସାହୁ ସମସ୍ତ ଛାତ୍ରୀଛାତ୍ର ଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟ ରେ ରହିଥିବା ସମସ୍ୟା ଆଗାମୀ ଦିନରେ ଦୂର କରାଯିବ ବୋଲି ବିଧାୟକ ଗମାଙ୍ଗ ତାଙ୍କ ଅଭିଭାଷଣ ବେଳେ ପ୍ରତିଶ୍ରୁତି ଦେଇଥିଲେ। ପାନୀୟ ଜଳ ସମସ୍ୟା ଦୂର ପାଇଁ ସୌରଚାଳିତ ପାଣି ଟାଙ୍କି ବିଦ୍ୟାଳୟ ପରିସରରେ ନିର୍ମାଣ କରିବା ବ୍ୟବସ୍ଥା କରିବେ ବୋଲି ଜିଲା ପରିଷଦ ସଭ୍ୟ ବିଷୋୟୀ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ସରପଞ୍ଚ ଜୁରିଆ କାଜି ଏବଂ କଲେଜ ପରିଚାଳନା କମିଟିରେ ପୂର୍ବତନ ସହ ସମ୍ପାଦକ ଦେବଦତ୍ତ ବେହେରା ଉପସ୍ଥିତ ଥିଲେ।

## ଆଦିବାସୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବାଲିଗୁଡ଼ା,୨୮।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟର ୪୦ ତମ ବାର୍ଷିକୋତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ଉପଜିଲାପାଳ ପ୍ରଣିତା ଦାସ, ଆଇଇଟିଡିଏ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଭାଜପା ଜିଲା ସଭାପତି ପଣ୍ଡିତ ବିଶିମାଝୀ, ପୂର୍ବତନ ଜିଲା ସଭାପତି ଜଗନ୍ନାଥ ସାହୁ, ମୁଖ୍ୟବକ୍ତା ଭାବେ ଡ.ହୃଷିକେଶ ପଣ୍ଡା, ଅଧକ୍ଷ ଲକ୍ଷ୍ମଣ ପାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଥମେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧାପକ ଡ.ସୁଶାନ୍ତ କୁମାର ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଡ.ବିଭୁତି ଭୂଷଣ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧାପକ ହିମାଂଶୁ ଚରଣ ସାହୁ, ଅରୁନ୍ଧତୀ ପ୍ରଧାନ, ଅସୀମ ନାୟକ, ବିଦ୍ୟାଧର ଦେହୁରୀ, ପରିଚାଳନା କମିଟି ସଦସ୍ୟ, କର୍ମଚାରୀ ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଜି.ଉଦୟଗିରି,୨୮।୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ କହଁରଙ୍କ ଅଧକ୍ଷତାରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବ୍ଲକ୍ ଶିକ୍ଷାଧିକାରୀ କେଶବ ମଲ୍ଲିକ, ହବାକ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ପାଟମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମିହିର କାନ୍ତ ପ୍ରଧାନ, ପରିଷଦ ୮ ନଂ. ୱାର୍ଡ଼ କାଉନସିଲର ଯାକେସ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଆଲୁମିନି ସଭାପତି ନିକୁଞ୍ଜ କୁମାରୀ ନାୟକ ଉପସ୍ଥିତ ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରାଜ କିଶୋର ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସହ ଶିକ୍ଷୟିତ୍ରୀ ସୁନିମା ଦିଗାଲ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟ ବ୍ୟବସ୍ଥା ବିଷୟରେ କହିଥିଲେ। ବାର୍ଷିକ ଉତ୍ସବର ଶେଷ ପର୍ଯ୍ୟାୟରେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜବରଦଖଲ ଉଚ୍ଛେଦ ସ୍ଥାନ ସଫେଇକଲେ ଡାକ୍ତର

ଦାରିଙ୍ଗବାଡ଼ି, ୨୮।୧(ଅରୁଣ ସାହୁ)



ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏକାଧିକ ହୋଟେଲ, ପରିବାଦୋକାନ ଆଦି ରହିଥିଲା। ଏହାକୁ ଉଚ୍ଛେଦ ପରେ ଉଠାଦୋକାନୀ ସେଠାରେ ପକାଇଥିବା କୁଢ଼ କୁଢ଼ ଅଳିଆକୁ ବୁଧବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟଙ୍କ ସମେତ ଅନ୍ୟ କର୍ମଚାରୀମାନେ ହାତରେ ଝାଡୁଧରି ସଫେଇ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ମଧ ସଫା କରାଯାଇଥିଲା। ମୁଖ୍ୟଫାଟକ ଓ ତା'ର ଆଖପାଖ ଅଞ୍ଚଳରେ ଉଠାଦୋକାନୀ ଓ ଯାତ୍ରୀମାନେ ଅଇଁଠା ଖଳିପତ୍ର, ପ୍ଲାଷ୍ଟିକ୍, ଚା'କପ୍ ସମେତ ପଲିଥିନ ଆଦି ବର୍ଜ୍ୟବସ୍ତୁ ପକାଇ ପରିବେଶକୁ ଦୂଷିତ କରୁଥିଲେ। ସେହିପରି ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ସେହି ଦୂଷିତ ପରିବେଶରେ ଚଳାଚଳ କରୁଥିଲେ। ତେଣୁ ଏହାକୁ ସଫେଇ କରାଯାଇଛି। ଆଗକୁ ଲୋକମାନେ ସ୍ୱାସ୍ଥ୍ୟକେନ୍ଦ୍ର ବାହାର ମୁଖ୍ୟଫାଟକ ସମେତ ଭିତର ପରିବେଶକୁ ସଫା ରଖିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିପିଏମ୍ ଶାନ୍ତନୁ ସାହୁ ପରିଚାଳନା କରିଥିଲେ।

## ନିଖୋଜ ମହିଳାଙ୍କ ମୃତଦେହ କାଜୁ ଗଛରୁ ଠାବ

ବାଲିଗୁଡ଼ା,୨୮।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ନିଖୋଜ ମହିଳାଙ୍କ ମୃତଦେହ ଠାବ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ମୃତ ମହିଳା ଜଣକ ରାୟଗଡ଼ା ଜିଲାର ଡିମିରିଗୁଡ଼ା ଗ୍ରାମର ସମ୍ବରୀ ମାଝୀ ବୋଲି ସୂଚନା ମିଳିଛି। ସୂଚନା ପ୍ରକାରେ ସମ୍ବରୀ ୩ବର୍ଷ ତଳେ କନ୍ଧମାଳ ଜିଲା ବେଲଘର ଥାନା ଅନ୍ତର୍ଗତ ଝିରିପାଣି ପଞ୍ଚାୟତର ଦେସୁଘାଟି ଗ୍ରାମର ପ୍ରକାଶ ଜାନିଙ୍କୁ ବିବାହ କରିଥିଲେ। ଗତ ୧୧ ତାରିଖ ଦିନ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରରୁ ବଚସା ହେବାପରେ ସମ୍ବରୀ ରାଗିଯାଇ ଘରଛାଡ଼ି ପଳେଇ ଯାଇଥିଲେ। ଦୀର୍ଘ ସମୟଧରି ଘରକୁ ନ ଫେରିବାରୁ ସ୍ୱାମୀ ଓ ସମ୍ପର୍କୀୟ ବନ୍ଧୁ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ନ ପାଇ ଜାନୁଆରୀ ୧୮ରେ ବେଲଘର ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଁ ନିକଟସ୍ଥ ଜଙ୍ଗଲ ଏକ କାଜୁ ଗଛରେ ସମ୍ବରୀଙ୍କ ଝୁଲନ୍ତା ମୃତଦେହ ଦେଖି ତାଙ୍କ ସ୍ୱାମୀ ପୋଲିସକୁ ଜଣାଇଥିଲେ। ବୁଧବାର ଘଟଣାସ୍ଥଳରେ ବେଲଘର ପୋଲିସ୍ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ୪ କ୍ୟାବିନ୍ ହଟାଇଲା ପ୍ରଶାସନ

ତୁମୁଡିବନ୍ଧ,୨୮।୧(ଦୀପକ କୁମାର ପରାସେଠ)

ତୁମୁଡିବନ୍ଧରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ବୁଧବାର ଅପରାହ୍ନରେ ତୁମୁଡିବନ୍ଧ ମୁଖ୍ୟ ବଜାର ଏଟିଏମ ଛକରେ ବହୁ ବର୍ଷ ହେଲା ଜଳଖିଆ ଦୋକାନ କରି ପରିବାର ଚଳାଉଥିବା ୪ଟି କ୍ୟାବିନକୁ ଉଚ୍ଛେଦ କରାଯାଇଛି। ଏହାକୁ ୪ ପରିବାର ସହ ଗ୍ରାମବାସୀମାନେ ବିରୋଧ କରିଥିଲେ। ଉଚ୍ଛେଦ ସମୟରେ ଦୀର୍ଘ ସମୟ ଧରି ୪ ପରିବାର ଗୁହାରୀ କରିଥିଲେ। ଗ୍ରାମବାସୀମାନେ ମଧ ଉଚ୍ଛେଦ ନ କରିବା ପାଇଁ ଅନୁରୋଧ କରିଥିଲେ। ତେବେ କିଛି ନ ଶୁଣି ଜେସିବି ଲଗାଇ କ୍ୟାବିନକୁ ଉଚ୍ଛେଦ କରାଯାଇଛି। ପରେ ନିୟୋଜିତ ହୋଇଥିବା ଅଧିକାରୀ ଏବଂ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ବଚସା ହୋଇଥିଲା। ନିରୀହ ଗରିବ ପରିବାରର ପ୍ରତିପୋଷଣର ଉତ୍ସ ବନ୍ଦ କରି ପେଟକୁ ଲାତ ମାରି ବିଭାଗୀୟ ଅଧିକାରୀ ବାହାବା ନେଉଛନ୍ତି। ଏନେଇ ତୁମୁଡିବନ୍ଧ ତହସିଲଦାର ଦୋଳ ଗୋବିନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, କ୍ୟାବିନ ହଟାଇବା ପାଇଁ ୧୫ ଦିନ ପୂର୍ବରୁ ନୋଟିସ୍ କରାଯାଇଥିଲା। ତାହା ସେମାନେ ଅବମାନନା କରିଥିଲେ। ରାସ୍ତା ପ୍ରଶସ୍ତୀକରଣ ପାଇଁ ଏପରି ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି।

## ପାରଳାଖେମୁଣ୍ଡି ସହରରେ ସିସିଟିଭି ବ୍ୟବସ୍ଥା

ପାରଳାଖେମୁଣ୍ଡି,୨୮।୧ (ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡି ସହରରେ ସିସିଟିଭି ବ୍ୟବସ୍ଥାର ଉଦ୍‌ଘାଟନ କରାଯାଇଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରଳା ବିଧାୟକ ଇଂରୂପେଶ ପାଣିଗ୍ରାହୀ, ପାରଳା ପୌର ଅଧକ୍ଷା ନିର୍ମଳା ସେଠୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଆରକ୍ଷୀ

**ଅମାନିଆ, ଅପରାଧୀଙ୍କ ଉପରେ ରହିବ ନଜର**

ଅଧିକ୍ଷକ ଯତିନ୍ଦ୍ର କୁମାର ପଣ୍ଡା, ଏସ୍‌ଡିପିଓ ମାଧବାନନ୍ଦ ନାୟକ, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଉପସ୍ଥିତ ଥିଲେ। ସହରରେ ବୃଦ୍ଧି ପାଉଥିବା ଅପରାଧିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଦିର୍ଘଦିନ ଧରି ସହରବାସୀ ଦାବି କରି ଆସୁଥିବା ବେଳେ ପାରଳା ପୌର ପ୍ରଶାସନ ପକ୍ଷରୁ ସହରର ମୁଖ୍ୟ ୧୨ଟି ସ୍ଥାନରେ ୩୬ ଟି କ୍ୟାମେରା ଖଞ୍ଜା ଯାଇ ଆଦର୍ଶ ଥାନା ପରିସରରେ ତାର ନିୟନ୍ତ୍ରଣ କୋଠରି ସ୍ଥାପନ କରାଯାଇଛି। ତାହା ମଙ୍ଗଳବାର ଠାରୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ କରାଯାଇଛି। ଯାହା ଦ୍ୱାରା ଅମାନିଆ ତଥା ଅପରାଧୀଙ୍କୁ ଧରିବାରେ ସହାୟତା କରିବ, ଟ୍ରାଫିକ ନିୟମ ଉଲଂଘନକାରୀ, ରୋଡ ରୋମିଓ ଏବଂ ସ୍ପିଡ ରାଇଡରଙ୍କୁ ଚିହ୍ନଟ କରିବାରେ ସହାୟକ ହେବ।

## ମାଙ୍କଡ଼ ମୁଣ୍ଡରୁ ପ୍ଲାଷ୍ଟିକ୍ ଡବା କାଢ଼ିବାକୁ ତତ୍ପରତା

ବେଲଗୁଣ୍ଠା,୨୮।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ନାଟଙ୍ଗା ରତ୍ନପୁର ଅଞ୍ଚଳରେ ପ୍ରାୟ ୮ ଦିନ ହେଲା ଏକ ପ୍ଲାଷ୍ଟିକ ଚକଲେଟ ଡବା ଭିତରେ ମାଙ୍କଡ଼ର ମୁଣ୍ଡ ପଶି ଏଣେତେଣେ ବୁଲୁଥିବାର ଲୋକେ ଦେଖିବା ପରେ ବନବିଭାଗକୁ ଖବର ଦେଇଥିଲେ। ଏନେଇ ଗାଙ୍ଗପୁର ବନପାଳ ଶଙ୍କର୍ଷଣ ଗୌଡ଼ ତାଙ୍କର ଉଦ୍ଧାର ଦଳ ସହ ଜାଲ ଓ ବିଭିନ୍ନ ସରଞ୍ଜାମ ଧରି ମାଙ୍କଡ଼କୁ ଉଦ୍ଧାର କରି ତାର ମୁଣ୍ଡରୁ ପ୍ଲାଷ୍ଟିକ ଡବା କାଢ଼ିବା ପାଇଁ ତତ୍ପରତା ଦେଖାଇଛନ୍ତି। ଖବରରୁ ଜଣାପଡିଛି, ପ୍ରାୟ ୮ ଦିନ ହେବ ଏକ ପାତି ମାଙ୍କଡ଼ ନେଟଙ୍ଗାର ଜନୈକ ଦୋକାନରୁ ଏକ ଚକଲେଟ୍ ଡବା ନେଇ ପଳିଆସିଥିଲା ଓ ଡବା ଭିତରେ ମୁଣ୍ଡ ପୁରାଇ ଖାଇବା



ପରେ ଧଳା ପ୍ଲାଷ୍ଟିକ ଡବାଟି ମାଙ୍କଡ଼ ମୁଣ୍ଡରୁ କାଢିବା ପାଇଁ ବହୁ ଚେଷ୍ଟା କରି ବିଫଳ

**■ ୮ ଦିନ ହେଲା ପଶିଛି ଚକୋଲେଟ ଡବା**

ହେବାରୁ ସେ ଏଣେତେଣେ ଦୌଡି ଏକ ଗଛ ଉପରେ ଚଢି ଯାଇଥିଲା। ଡବାଟି ଧଳା ରଙ୍ଗର ହୋଇଥିବାରୁ ସେ ପ୍ରାଞ୍ଜଳ ଭାବରେ ଦେଖିପାରି ବୁଲୁଥିଲା। ପ୍ରାୟ ଏକ ସପ୍ତାହ ହେବ ଖାଦ୍ୟ ନ ଖାଇପାରି ମାଙ୍କଡଟି ଦୁର୍ବଳ ହୋଇଯାଇଥିବାରୁ ଗଛକୁ ଗଛ ନ ଡେଇଁ ପାରିଲେ ମଧ ଜୀବନ ବିକଳରେ ଏଣେତେଣେ ଧାଉଁଥିବାର ଲକ୍ଷ୍ୟ କରାଯାଇଛି। ନେଟଙ୍ଗା ଓ ରତ୍ନପୁର ଅଞ୍ଚଳର ବହୁତ ଲୋକ ରୁଣ୍ଡ ହୋଇ ଦୁର୍ବଳ ମାଙ୍କଡଟିରେ ଏହି କରୁଣ ଦୃଶ୍ୟ ଦେଖୁଥିବାର ଗାଙ୍ଗପୁର ବନପାଳ ଶଙ୍କର୍ଷଣ ଗୌଡ଼ ଖବର ପାଇବାପରେ ନେଟଙ୍ଗାରେ ପହଞ୍ଚି ମାଙ୍କଡ଼ଟିକୁ ଉଦ୍ଧାର କରିବା ପାଇଁ ଚେଷ୍ଟା ଚଳାଇଛନ୍ତି।

## ପଦ୍ମତୋଳା ନାଳର ଉନ୍ନତୀକରଣ ହେବ

### ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ପାତ୍ରପୁର,୨୮।୧(ଉମା ଚରଣ ନେପାକ):

ପାତ୍ରପୁର ବ୍ଲକ ଖମ୍ବାରିଗାଁ ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର ପଦ୍ମତୋଳା ନାଳର ଉନ୍ନତୀକରଣ ସହ ସେତୁ ନିର୍ମାଣ ପାଇଁ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜଳ ସମ୍ପଦ ବିଭାଗ ତରଫରୁ ପ୍ରାୟ ୭୦ ଲକ୍ଷ ୭୬ ହଜାର ଟଙ୍କାରେ ଏହି ପ୍ରକଳ୍ପ ହେବ। ଖଣ୍ଡଦେଉଳି ଓ ଏହାର ଆଖପାଖ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ବିଧାୟକଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି, ଚିଙ୍କିଟି ନିର୍ବାଚନ ମଣ୍ଡଳୀ ଏମ୍‌ପି ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବ୍ଲକ ଅଧକ୍ଷା ୱାଇ. ସଂଯୁକ୍ତା, ବ୍ଲକ ଉପାଧକ୍ଷ ଅନାଦି ଚରଣ ପଣ୍ଡିତ ଙ୍କ ସମେତ ବହୁ ସରପଞ୍ଚ, ଦୁଇ ମଣ୍ଡଳ ସଭାପତି ଓ ଦଳର କର୍ମୀମାନେ ଉପସ୍ଥିତ ଥିଲେ।

## ବଲସକୁମ୍ପାରେ ବିକଶିତ ଭାରତ ଭିବି ଜି ରାମ ଜି କାର୍ଯ୍ୟକ୍ରମ

ଖଜୁରିପଡ଼ା,୨୮।୧ (ବିଦୁର ବେହେରା)



ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ବଲସକୁମ୍ପା ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବଲସକୁମ୍ପା ମଣ୍ଡଳ ସଭାପତି ଶ୍ରୀନିବାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବୁଧବାର ଭିବି ଜି ରାମ ଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କନ୍ଧମାଳ ଜିଲା ଭାଜପା ସାଧାରଣ ସମ୍ପାଦକ ସଞ୍ଜିତ ମଣ୍ଡଳ, ଏମ୍‌ପି ପ୍ରତିନିଧି ମନୋଜ ପଣ୍ଡା, ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ଫୁଲବାଣୀ ଗ୍ରାମୀଣ ପୂର୍ବତନ ସଭାପତି ଆଦିତ୍ୟ କହଁର, ବରିଷ୍ଠ ନେତା ସୁବାଷ ଯାନୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ନବତି ଯାନୀ, ସିଦ୍ଧାର୍ଥ ସାହୁ, ଦିଲ୍ଲୀପ ଦୃଷ୍ଟି ପ୍ରମୁଖ ଉପସ୍ଥିତ ଥିବା ବେଳେ ରାଜେନ୍ଦ୍ର ବେହେରା ଓ ଭଗବାନ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ପୂର୍ବ ୟୁପିଏ ସରକାର ଯୁଗର ଏମ୍‌ଜିଏନଆରଜି ଯୋଜନାରେ ଭ୍ରଷ୍ଟାଚାର, କୁଶାସନ, ଉପରେ ଜର୍ଜରିତ ଥିବାବେଳେ ବର୍ତ୍ତମାନ ଏନ୍‌ଡିଏ ସରକାର ଏମ୍‌ଜିଏନ୍‌ଆରଜି ସ୍ଥାନରେ ବିକଶିତ ଭାରତ ଭିବି ଜି ରାମ ଜି ପଞ୍ଚାୟତ ଆଇନ ଗ୍ରାମସଭା ଦ୍ୱାରା ୧୨୫ ଦିନର ନିଯୁକ୍ତି ଏବଂ କାମ ନ ମିଳିଲେ ବେରୋଜଗାରି ଭତ୍ତା ବ୍ୟବସ୍ଥା କେନ୍ଦ୍ର ସରକାର କରିଛନ୍ତି ବୋଲି କହିଥିଲେ। ସେହିଭଳି କାର୍ଯ୍ୟକ୍ରମରେ ପ୍ରାୟ ୩୫ ଜଣ ମହିଳା ଓ ପୁରୁଷ ବିଭିନ୍ନ ଅଞ୍ଚଳରୁ ଆସି ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଦଳୀୟ ଟୋପି ଦେଇ ସ୍ୱାଗତ କରାଯାଇଥିଲା। ବଲସକୁମ୍ପା ମଣ୍ଡଳରେ ସାଙ୍ଗଠନିକ ପଦ ପଦବୀ ପାଇଥିବା ନୂତନ କର୍ମିଙ୍କୁ ମଧ ଘୋଷଣା କରାଗଲା। ସଭାପତି ଶ୍ରୀନିବାସ ପ୍ରଧାନ, ଉପସଭାପତି ଭଗବାନ ଗୁରୁ, ସମ୍ପାଦକ ରାଜେନ୍ଦ୍ର ବେହେରା, କୋଷାଧକ୍ଷ ଅଶୋକ ମାଝୀ, ବୁଥ ସଭାପତି ବିଜୟ ସାହୁ ବୋଲି ଅତିଥିମାନେ ଘୋଷଣା କରିଛନ୍ତି ।

